# CBSE
# Sample Question Paper - 2023-24
## CLASS - XII
## ODIA (113)

Time - 3 hrs | Max Marks - 80

**General Instructions :**

1. The Question Paper contains 14 questions and 6 printed pages. Attempt all the questions based on the specific instructions given in the questions itself.
2. The Question Paper has four sections: Sec A - Reading -10 Marks, Sec B - Writing - 12 Marks, Sec C - Grammar - 10 Marks, Sec D - Literature - 48 Marks.
3. Please write down the serial number of the question in the answer-book before attempting it.
4. 15 minutes time has been allotted to read this Question Paper. The Question Paper will be distributed at 10.15 am. From 10.15 a.m to 10.30 a.m, the students will read the Question Paper only and will not write any answer on the answer book during this period.

## SECTION - A

**1. ନିମ୍ନ ଅନୁଚ୍ଛେଦଟିକୁ ପାଠକରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5x2=10**

ଆଧୁନିକ ଯୁଗରେ ବିକାଶ ନାମରେ ବ୍ୟାପକ ଜଙ୍ଗଲ ନଷ୍ଟ ଅନବରତ ଲାଗି ରହିଛି । ନିଜେ କ୍ଷତିଗ୍ରସ୍ତ ହେଲେ ବି ବୃକ୍ଷଲତାମାନେ କଦାପି ପ୍ରତିବାଦ କରନ୍ତି ନାହିଁ । ଅପେକ୍ଷାରେ ରହନ୍ତି ସେହି ଦିନ ପାଇଁ ଯେଉଁ ଦିନ ମାନବ ସମାଜ ବୁଝିବ ନିଜର ଭୁଲ୍ । ପରିବେଶ ସୁରକ୍ଷା ବା ମୃତ୍ତିକା ସଂରକ୍ଷଣ କ୍ଷେତ୍ରରେ ବୃକ୍ଷର ଅନେକ ଭୂମିକା ରହିଛି । ବୃକ୍ଷର ପୁଷ୍ପ, ଫଳ, ପତ୍ର, ମୂଳ, କାଷ୍ଠ, ଔଷଧୀୟ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ଦ୍ୱାରା ପ୍ରତ୍ୟକ୍ଷ ମୂଲ୍ୟ ନିର୍ଦ୍ଧାରଣ କରାଯାଏ । ଠିକ୍ ସେହିପରି ଏହାର ଜଳଚକ୍ର ନିୟନ୍ତ୍ରଣ, ଜଳବାୟୁ ତଥା ଉତ୍ତାପ ନିୟନ୍ତ୍ରଣ, ପଶୁ ପକ୍ଷୀ ତଥା ଅନ୍ୟାନ୍ୟ ଛୋଟ ବଡ଼ ଜୀବଙ୍କୁ ଆଶ୍ରୟଦେବା, ବର୍ଷାକୁ ଆକୃଷ୍ଟ କରିବା, ଭୂତଳ ଜଳକୁ ଊର୍ଦ୍ଧ୍ୱଗାମୀ କରି ରଖିବା, ମୃତ୍ତିକା ସଂରକ୍ଷଣ କରିବା ଓ ଚିତ୍ତବିନୋଦନର ମାଧ୍ୟମକୁ ନେଇ ଯଦି ଏହାର ପରୋକ୍ଷ ମୂଲ୍ୟାୟନ କରାଯାଏ ତେବେ ଏହାର ମୂଲ୍ୟ ଅତୁଳନୀୟ ହେବ । ସମତଳ ତଥା ପାହାଡ଼ ଅଂଚଳ, ସମୁଦ୍ର, ନଦୀ, ନାଳ ଇତ୍ୟାଦି ହେଉଛି ବିବିଧ ପ୍ରକାର ପ୍ରାଣୀ, ଉଦ୍ଭିଦ ତଥା ସୂକ୍ଷ୍ମ ଜୀବଙ୍କ ପ୍ରାକୃତିକ ବାସସ୍ଥାନ । ବିକାଶ ନାମରେ ଅବିଚାରିତ ଭାବରେ ପ୍ରାକୃତିକ ଆବାସର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବେଶ ଅଧଃପତିତ ହୋଇ ଚାଲିଛି । ବର୍ତ୍ତମାନ ବି ସମୟ ଅଛି ଅନ୍ତତଃପକ୍ଷେ ପଚାଶ ପ୍ରତିଶତ ପ୍ରାକୃତିକ ଆବାସର ପୁନରୁଦ୍ଧାର କରି ମରିହଜି ଯାଇଥିବା ଜୈବ ବିବିଧତାର ପୁନଃ ଥଇଥାନ କରିବା । ଏଇ ଆଭିମୁଖ୍ୟ ନେଇ ମିଳିତ ଜାତିସଂଘ ଦୁଇବର୍ଷ ପୂର୍ବେ ବିଶ୍ୱ ପରିବେଶ ଦିବସ ୨୦୨୧ର ବାର୍ତ୍ତା ରଖିଥିଲେ –"ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି" ।

(i) ପରିବେଶ ଅଧଃପତିତ ହେବାର କାରଣ କ'ଣ ?

(ii) ୨୦୨୧ ବିଶ୍ୱ ପରିବେଶ ଦିବସର ବାର୍ତ୍ତା କ'ଣ ଥିଲା ?

(iii) ବୃକ୍ଷଲତାମାନେ ମାନବର କେଉଁ ଭୁଲ୍‌କୁ ପ୍ରତିବାଦ କରନ୍ତି ନାହିଁ ?

(iv) ବୃକ୍ଷର ପରୋକ୍ଷ ମୂଲ୍ୟାୟନ କାହିଁକି ଅତୁଳନୀୟ ହେବ ?

(v) ଜଳବାୟୁ ତଥା ଉତ୍ତାପ ନିୟନ୍ତ୍ରଣ କ୍ଷେତ୍ରରେ କାହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ?

## SECTION-B

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** **6**

(i) ଚିକିତ୍ସା କ୍ଷେତ୍ରରେ ବିଜ୍ଞାନର ଭୂମିକା

(ii) ଭାରତୀୟ ଗଣତନ୍ତ୍ରର ସଫଳତା

(iii) ଛାତ୍ର ଓ ସମାଜସେବା

**3. ତୁମ ଅଞ୍ଚଳରେ ଏକ ଡାକଘର ପ୍ରତିଷ୍ଠା ନିମନ୍ତେ ମହାଡାକପାଳଙ୍କ ନିକଟକୁ ଦରଖାସ୍ତ ଲେଖ ।** **6**

**କିମ୍ବା**

**ତୁମ ଅଞ୍ଚଳରେ ଏକ ଜନସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।**

(ବି.ଦ୍ର: ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।

## SECTION-C

**4. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । (ଯେ କୌଣସି 2ଟିର) 2x1=2**

(i) ଅନୁଗ୍ରହ

(ii) ଉତ୍କର୍ଷ

(iii) ସାକ୍ଷର

**5. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦଟି ଲେଖ । (ଯେ କୌଣସି 3ଟିର)** **3x1=3**

(i) ପୁଜ୍ୟାସ୍ପଦ

(ii) ବୀଶ୍ୱଜନିନ

(iii) ଅନାଟନ

(iv) ନିର୍ଦ୍ଦୋଷୀ

6. ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (ଯେ କୌଣସି 2 ଟିର) **2X1=2**

(i) ଶର-ସର

(ii) ପରିଚ୍ଛଦ-ପରିଚ୍ଛେଦ

(iii) ତଟକା-ତାଟକା

7. ଏକ ପଦରେ ପ୍ରକାଶ କର । (ଯେ କୌଣସି 3 ଟିର) **3x1=3**

(i) ଯିଏ ବିଚ୍ଛେଦ କରନ୍ତି-

(ii) ଦର୍ଶନ ଶାସ୍ତ୍ରରେ ପଣ୍ଡିତ-

(iii) ଯିଏ ଗ୍ରହଣ କରେ -

(iv) ଯିଏ ସଂସାର ତ୍ୟାଗ କରନ୍ତି-

## SECTION-D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1ଟିର) **5**

(i) ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅନିବାର୍ଯ୍ୟ ।

(ii) ଏବେ ମେଟ୍ରିକ୍ ପାଠ ଖଡ଼ିକି ନୁହେଁ କି ପେଡ଼ିକି ନୁହେଁ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର) **3X2=6**

(i) କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ କିପରି ପ୍ରତିଭାତ ହୁଏ ?

(ii) ନିଘଞ୍ଚ ବନ ମଧ୍ୟରେ ଥିବା ବନବାସୀମାନଙ୍କ ବାସଭୂମିକୁ ଜଳଦ କିପରି ଚିହ୍ନି ପାରିବ ?

(iii) କିପରି ବ୍ୟକ୍ତିକୁ ପ୍ରତିନିଧି ରୂପେ ବାଛିବା ଉଚିତ୍ ?

(iv) କ'ଣ କଲେ ଆମେ ଅନ୍ୟମାନଙ୍କ ସହ ସମାନ ହୋଇ ପାରିବା ?

(v) ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି କେଉଁ କଥା କହିଲେ ସେମାନେ ବୁଝିପାରିବେ ?

10. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପ୍ରଦତ୍ତ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । **10x1=10**

(i) କେଉଁ ପ୍ରାଚୀନ ଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?

(A) ଧର୍ମ (B) ଚିକିତ୍ସା

(C) କାବ୍ୟ (D) ନାଟ୍ୟ

(ii) କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ?

(A) ଧନୀଠାରେ (B) ଦରିଦ୍ରଠାରେ

(C) ବିତ୍ତଶାଳୀଠାରେ (D) ଭୋଗୀଠାରେ

(iii) କେଉଁ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ ?

(A) ସମଷ୍ଟିଗତ ଶାସନରେ (B) ବ୍ୟକ୍ତିଗତ ଶାସନରେ

(C) ଗଣତନ୍ତ୍ର ଶାସନରେ (D) ସ୍ୱାଧୀନ ଶାସନରେ

(iv) ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇ ପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇ ପାରିବ ନାହିଁ ?

(A) ମୌଳିକ ଜ୍ଞାନ (B) ପ୍ରକୃତ ଗଣତନ୍ତ୍ର

(C) ମୌଳିକ ଚିନ୍ତା (D) ଉଚିତ ଶିକ୍ଷା

(v) 'ଇତିହାସ' ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପ୍ରବନ୍ଧ ସଙ୍କଳନରୁ ଆସିଅଛି ?

(A) ଅନନ୍ତ ପ୍ରେମ (B) ସାହିତ୍ୟ ଚର୍ଚ୍ଚା

(C) ବିବିଧ ପ୍ରବନ୍ଧ (D) ସାହିତ୍ୟ ଓ ଜୀବନ

(vi) ପାଦ ମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିବ ?

(A) ଦୁଃଖ (B) ନରକଙ୍କାଳ

(C) ମନ (D) ପୃଥିବୀ

(vii) ଉତ୍କଳର ଉତ୍ତମାଙ୍ଗ ବୋଲି କାହାକୁ କୁହାଯାଇଛି ?

(A) ସମ୍ବଲପୁର (B) କଟକ

(C) ଭୁବନେଶ୍ୱର (D) ଗଞ୍ଜାମ

(viii) ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?

(A) ଏକକ ମନୋନୟନ (B) ଏକଛତ୍ରବାଦ

(C) ଲୋକପ୍ରତିନଧି ମନୋନୟନ (D) ସାମ୍ରାଜ୍ୟବାଦ

(ix) ଶିକ୍ଷା କମିଶନ ଅନ୍ୟାନ୍ୟ ବିଷୟ ଅପେକ୍ଷା କାହା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଲେଖକ ଅନୁରୋଧ କରିଛନ୍ତି ?

(A) ପଠନ ପଦ୍ଧତି (B) ପାଠ୍ୟ ପୁସ୍ତକ

(C) ନୋଟ୍ ବହି (D) ଶିକ୍ଷା ପଦ୍ଧତି

(x) ଜଳଦର କୃପାରୁ କେଉଁଠାରେ ନବ ନୀଳିମା ଖେଳିବୁଲିବ ବୋଲି କୁହାଯାଇଛି ?

(A) ଶାଳିକ୍ଷେତ୍ର (B) ବନଭୂମି

(C) ମେଘାସନ (D) ଗନ୍ଧମାର୍ଦ୍ଦନ

**11.** **ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1ଟିର)** **5**

(i) ତୁମ୍ଭ ପିତୃଗଣ ପରମ ଉଦାର,

ରାଜ୍ୟ ମଣୁଥିଲେ ଏକ ପରିବାର ।

(ii) ଲୋଡ଼ାନାହିଁ ମୋର ଧନ ସମ୍ପଦ ମଣିକାଞ୍ଚନ ମାଳା

ଲୋଡ଼ା ନାହିଁ ମୋର ବିଳାସ-କୁଞ୍ଜ ଏ ଘରୁ ଚିତ୍ରଶାଳା ।

**12.** **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3ଟିର)** **3x2=6**

(i) ରାଜା ଓ ଜମିଦାରମାନେ କାହିଁକି ପ୍ରଜାଙ୍କୁ ଶୋଷଣ କରନ୍ତି ?

(ii) ତପସ୍ୱିନୀ ସୀତା ପତ୍ର ଲେଖି ରାମଚନ୍ଦ୍ରଙ୍କଠାରୁ କେଉଁ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ ?

(iii) ଯମଦୂତ ବୋଲି କବି ସିପାହିମାନଙ୍କୁ କାହିଁକି କହିଛନ୍ତି ?

(iv) ପିଙ୍ଗଳାର ମନରେ କାହିଁକି ବିରାଗ ଆସିଥିଲା ?

(v) କବି ମନୁଷ୍ୟ ପୁତ୍ରକୁ ଦଗ୍ଧ ହେବା ପାଇଁ କାହିଁକି କହିଛନ୍ତି ?

**13.** **ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପ୍ରଦତ୍ତ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । 10x1=10**

(i) ତାପସଙ୍କର ଅଶାନ୍ତି ନାଶକ ବୋଲି କାହାକୁ କୁହାଯାଇଛି ?

(A) ରାମଚନ୍ଦ୍ର (B) ରାବଣ

(C) ସୀତା (D) ବାଲ୍ମୀକି

(ii) ସୂର୍ଯ୍ୟାସ୍ତକାଳୀନ ମୃଦୁ ସମୀରଣକୁ କବି କାହା ସହିତ ତୁଳନା କରିଛନ୍ତି ?

(A) ପତିପତ୍ନୀର କଳହ (B) ପ୍ରେମର ଅସ୍ୱଷ୍ଟଗିର

(C) ନାୟକ ନାୟିକାର ମିଳନ (D) ପ୍ରେମର ଭର୍ତ୍ସନା

(iii) କବି ମାନବ ଶିଶୁକୁ କିପରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?

(A) ପ୍ରତିଶୋଧ ପରାୟଣ ହୋଇ (B) ଲୌକିକ ଜ୍ଞାନକୁ ଧରି

(C) ସମସ୍ତଙ୍କୁ ଆପଣାର କରି (D) ପ୍ରତିଶ୍ରୁତି ପାଳନ କରି

(iv) ଯୁଗଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?

(A) ମରୁଡ଼ିର ବିଭୀଷିକା (B) ବାତ୍ୟାର କରାଳ ତାଣ୍ଡବ

(C) ଭୀମ ଅତ୍ୟାଚାର (D) ଶୋଷଣ ପେଷଣ

(v) ଆତ୍ମଜ୍ଞାନ ଲାଭ ପରେ ପିଙ୍ଗଳା କାହାପରି ଛୁଟି ଯିବା ପାଇଁ ଚହିଁଛି ?

(A) ମୁକ୍ତଚରିଣୀ ତଟିନୀ (B) ବରଷାର ଧାରା

(C) ଧୀର ସମୀରଣ (D) ଦକ୍ଷିଣା ପବନ

(vi) ଦରବାରରେ ଯୋଗଦେଇଥିବା ରାଜାମାନଙ୍କର ପିତୃଗଣଙ୍କୁ କବି ପରମ ଉଦାର ବୋଲି କାହିଁକି କହିଛନ୍ତି ?

(A) ସେମାନେ ସୁଶାସକ ଥିଲେ (B) ଶକ୍ତିଶାଳୀ ଯୋଦ୍ଧା ଥିଲେ

(C) ରାଜ୍ୟକୁ ଏକ ପରିବାର ମନେ କରୁଥିଲେ (D) ଦୋଷୀ ପ୍ରଜାଙ୍କୁ ଦଣ୍ଡ ଦେଉଥିଲେ

(vii) 'ବନ୍ଦୀର ବିରହ ବ୍ୟଥା' କବିତାଟି କବିଙ୍କର କେଉଁ କବିତା ସଙ୍କଳନରୁ ଆସିଅଛି ?

(A) କାରା କବିତା (B) ବନ୍ଦୀର ଆତ୍ମକଥା

(C) ଅବକାଶ ଚିନ୍ତା (D) ଧର୍ମପଦ

(viii) ରାମଚନ୍ଦ୍ରଙ୍କର ସଦ୍‌ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ?

(A) ସୀତାଙ୍କ ସ୍ମୃତିକୁ ମନେପକାଇ (B) ଲବକୁଶଙ୍କ ପରିଚୟ ପାଇ

(C) ନବବଧୂକୁ ମୁଗ୍ଧ କରିବା ପାଇଁ (D) ଋଷିମାନଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ

(ix) 'ନାନାରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର'-ଏଠାରେ ଅମ୍ବରର ଅର୍ଥ କ'ଣ ?

(A) ଲୁଗା (B) ଚନ୍ଦୁଆ

(C) ଆକାଶ (D) ସୂର୍ଯ୍ୟ

(x) ସଚେତନ ପିଙ୍ଗଳାର ଅଙ୍ଗପୁଳକକୁ କାହା ସହିତ ତୁଳନା କରାଯାଇଛି ?

(A) ପ୍ରସ୍ଫୁଟିତ ପଦ୍ମ (B) ବରଷାର ନୀପ

(C) କୋରକିତ କେତକୀ (D) ବିକଶିତ ମଲ୍ଲୀ

**14. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3 ଟିର) 3X2=6**

(i) କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ବୋଲି କାହିଁକି କୁହାଯାଉଥିଲା ?

(ii) ରାୟବାହାଦୁରଙ୍କ ନିଦ କାହିଁକି ଭାଙ୍ଗି ଯାଇଥିଲା ?

(iii) ମାଷ୍ଟରଜୀ କିପରି ଅଶୋକର ମଦତ୍ କରିଥିଲେ ?

(iv) ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ କ'ଣ ଭାବୁଥିଲା ?

(v) ବନାରସରେ କାହିଁକି ସନ୍ଧ୍ୟା ହୁଏନା ବୋଲି କୁହାଯାଇଛି ?

◈◈◈